रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ର ସଂ. ଡ଼-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No 1, NEW DELHI, TUESDAY, MAY 8, 1990/BAISAKH 18, 1912 (SAKA) VOL I
ସଂ. 1, ନୂଆଦିଲ୍ଲୀ, ମଙ୍ଗଳବାର, ମଇ 8, 1990/ବୈଶାଖ 18, 1912 (ଶକ) ଗ୍ରନ୍ଥଖଣ୍ଡ 1

## MINISTRY OF LAW AND JUSTICE

**(Legislative Department)**

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ଵଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍‌ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍‌ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ହିନ୍ଦୁ ଦାୟ (ନିର୍ଯୋଗ୍ୟତା ଦୂରୀକରଣ) ଅଧିନିୟମ, 1928

## 1928ର ଅଧିନିୟମ ସଂ 12

**କେତେକ ଶ୍ରେଣୀ ଦାୟାଦମାନଙ୍କୁ ଦାୟରୁ ବାଦ୍ ଦେବା ସଂପର୍କରେ ହିନ୍ଦୁ ବିଧିକୁ ସଂଶୋଧନ କରିବା ନିମିତ୍ତ ଓ କେତେକ ସନ୍ଦେହର ଦୂରୀକରଣ ନିମିତ୍ତ ଏକ ଅଧିନିୟମ**

[ 20 ସେପ୍ଟେମ୍ବର, 1928 ]

ଯେହେତୁ କେତେକ ଶ୍ରେଣୀର ଦାୟାଦମାନଙ୍କୁ ଦାୟରୁ ବାଦ୍ ଦେବା ସମ୍ପର୍କରେ ହିନ୍ଦୁ ବିଧିକୁ ସଂଶୋଧନ କରିଯିବା ଓ କେତେକ ସନ୍ଦେହକୁ ଦୂର କରିଯିବା ସମୀଚୀନ ଅଟେ;

ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା:—

**ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରୟୋଗ ।**

1. (1) ଏହି ଅଧିନିୟମ ହିନ୍ଦୁ ଦାୟ (ନିର୍ଯୋଗ୍ୟତା ଦୂରୀକରଣ) ଅଧିନିୟମ, 1928 ନାମରେ ଅଭିହିତ ହେବ ।

(2) ଏହା ଜମ୍ମୁ ଓ କାଶ୍ମୀର ରାଜ୍ୟ ଛଡ଼ା ସାରା ଭାରତରେ ବିସ୍ତୃତ ।

(3) ହିନ୍ଦୁ ବିଧିର ଦାୟଭାଗ ପନ୍ଥା ଦ୍ୱାରା ପରିଚାଳିତ କୌଣସି ବ୍ୟକ୍ତିଙ୍କ ପ୍ରତି ଏହା ପ୍ରଯୋଜ୍ୟ ହେବ ନାହିଁ ।

**ଅବିଭକ୍ତ ପରିବାର ସଂପତ୍ତିରେ ଥିବା ଦାୟ ବା ଅଧିକାରରୁ କୌଣସି ବ୍ୟକ୍ତିଙ୍କୁ ବାଦ୍ ଦିଆଯିବ ନାହିଁ ।**

2. କୌଣସି ହିନ୍ଦୁ ବିଧି ବା ଲୋକାଚାରରେ ଏହାର ବିପରୀତ ମର୍ମରେ ଯାହାକିଛି ଥିଲେହେଁ ସେ ସମୟରେ ତଥା ଜନ୍ମାବଧି ବାତୁଳ ବା ମୂଢ଼ ରହିଥିବା ବ୍ୟକ୍ତି ଛଡ଼ା ଅନ୍ୟ ଯେଉଁ ବ୍ୟକ୍ତି ହିନ୍ଦୁ ବିଧି ଦ୍ୱାରା ପରିଚାଳିତ ହେଉଥାନ୍ତି ସେ, କେବଳ ମାତ୍ର କୌଣସି ରୋଗ, କୁରୂପତା, ବା ଶାରୀରିକ ବା ମାନସିକ ଦୂଷଣ କାରଣରୁ ଅବିଭକ୍ତ ପରିବାରର ସମ୍ପତ୍ତିରେ କୌଣସି ଅଧିକାର ବା ଅଂଶ ପାଇବାରୁ ବାଦ୍ ପଡ଼ିବେ ନାହିଁ ।

**ବ୍ୟାବୃତ୍ତି ଓ ବ୍ୟତିରେକ ।**

3. ଏହି ଅଧିନିୟମରେ ଥିବା କୌଣସି ବିଷୟ, ଏହାର ପ୍ରାରମ୍ଭ ପୂର୍ବରୁ ପ୍ରୋଦ୍ଭୂତ କୌଣସି ଅଧିକାର ବା ଉପଗତ କୌଣସି ଦାୟିତ୍ୱକୁ ପ୍ରଭାବିତ କରିବ ନାହିଁ, କି କୌଣସି ଧର୍ମ ସମ୍ବନ୍ଧୀୟ ପଦ ବା ସେବା ସମ୍ପର୍କରେ ବା କୌଣସି ଧାର୍ମିକ ବା ଦାତବ୍ୟ ନ୍ୟାସର ପରିଚାଳନା ସମ୍ପର୍କରେ ଯେଉଁ ଅଧିକାର ଏହି ଅଧିନିୟମ ହୋଇନଥିଲେ କୌଣସି ବ୍ୟକ୍ତି ପାଇ ନଥାନ୍ତେ ସେହି ଅଧିକାରକୁ ସେହି ବ୍ୟକ୍ତିଙ୍କ ଉପରେ ଅର୍ପଣ କରିଅଛି ବୋଲି ବିବେଚିତ ହେବନାହିଁ ।